

୧୮ ବର୍ଷ ● ୮ମ ସଂଖ୍ୟା ● ଫେବୃଆରୀ ୨୦୧୮


| | | |
|---|---|---|
| ରିପୋର୍ଟ | : | କାଦମ୍ବିନୀ ସାହିତ୍ୟ ମହୋତ୍ସବ, ପତ୍ରିକା ହାଟ ଓ କୁନାକୁନି ମେଳା |
| ପ୍ରଚ୍ଛଦ ପ୍ରସଙ୍ଗ | : | ବାହାଘର: ବନ୍ଧନ ଜନ୍ମ ଜନ୍ମର |
| ବିଶେଷ ପ୍ରସଙ୍ଗ | : | ବିବାହ ପୂର୍ବରୁ ପରାମର୍ଶ |
| ବିଶେଷ ପ୍ରସଙ୍ଗ | : | ବିବାହରେ ରାଶି ମେଳକ |
| କାଳଜୟୀ | : | ନିତ୍ୟାନନ୍ଦ ମହାପାତ୍ର |
| ସାହିତ୍ୟ | : | ୩ଟି ମନନଶୀଳ ଗଳ୍ପ, ୧୨ଟି ମନୋରମ କବିତା |
| ନିୟମିତ | : | ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ। |


## ରିପୋର୍ଟ : କାଦମ୍ବିନୀ ସାହିତ୍ୟ ମହୋତ୍ସବ, ପତ୍ରିକା ହାଟ ଓ କୁନାକୁନି ମେଳା

୨୦୧୮ ଜାନୁଆରୀ ୧୪ ତାରିଖରେ ଅନୁଷ୍ଠିତ ହୋଇଯାଇଛି ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ପଞ୍ଚଦଶ ସାହିତ୍ୟ ମହୋତ୍ସବ, ଦଶମ 'କାଦମ୍ବିନୀ ପତ୍ରିକା ହାଟ' ଓ କୁନାକୁନି ମେଳା। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ନବୀନ ପ୍ରବୀଣ ସାହିତ୍ୟିକଙ୍କ ସମେତ ପତ୍ରିକା ପ୍ରକାଶକ, ସମ୍ପାଦକ ଓ ପ୍ରକାଶନ ସଂସ୍ଥା ଯୋଗ ଦେଇଥିଲେ। 'କାଦମ୍ବିନୀ'ର ଏହି ବହୁଚର୍ଚ୍ଚିତ ସାରସ୍ୱତ କୁମ୍ଭମେଳାର ଖବର ତା'ର ପ୍ରିୟ ପାଠକପାଠିକାମାନଙ୍କ ପାଇଁ।

## ପ୍ରଥମ ପ୍ରସଙ୍ଗ : ବାହାଘର: ବନ୍ଧନ ଜନ୍ମ ଜନ୍ମର

ବାହାଘର ଏକ ସାମାଜିକ ପରମ୍ପରା, ପବିତ୍ର ପାରମ୍ପରିକ ବନ୍ଧନ। ଏକ ସୁଦୃଢ଼ ସମ୍ପର୍କର ଅଙ୍ଗୀକାରବଦ୍ଧତା। ସୁନ୍ଦର ଏହି ସମ୍ପର୍କର ରଜ୍ଜୁରେ ଥରେ ବାନ୍ଧି ହୋଇଗଲେ ଦୁଇ ଶରୀର, ଦୁଇ ମନ, ଦୁଇ ହୃଦୟ, ଦୁଇ ପ୍ରାଣ, ଦୁଇ ଆତ୍ମା ଏକ ଓ ଅଭିନ୍ନ ହୋଇଯାଏ। ଦୁଇ ଜୀବନ ଏକାଠି ହୋଇ ଆଜୀବନ ସ୍ନେହ, ପ୍ରେମ, ତ୍ୟାଗ, ବୁଝାମଣାର ଏକ ଅତୁଟ ବନ୍ଧନ ସୃଷ୍ଟିହୁଏ। ବିବାହ ପରି ଏକ ସାମାଜିକ ପରମ୍ପରାକୁ ନେଇ ନାରୀ ଓ ପୁରୁଷ ଭିତରେ ମହନୀୟ ସମ୍ପର୍କ ଗଢ଼ିଉଠେ, ତାହା ରହିଯାଏ ଜନ୍ମ ଜନ୍ମାନ୍ତର ପାଇଁ। ତିଆରି ହୋଇଯାଏ ସାଥୀ ହୋଇ ରହିବା ସହିତ ସାଥୀ ହୋଇ ଚଳିବାର ସୁଗମ ପଥ। ବାହାଘର ମନ ସହ ମନକୁ ମିଳାଏ। ଦୁଇ ହୃଦୟକୁ ଏକ କରେ। ପରିବାରକୁ ଯୋଡ଼େ, ଗଢ଼େ। ସୃଷ୍ଟି ହୁଏ ସୁଖଦୁଃଖରେ ସାଥୀ ହୋଇ ରହିବାର ସଂକଳ୍ପ। ବଂଶରକ୍ଷା କରିବାର ସୂତ୍ର। ବଂଶ ଓ ପରିବାରର ବାହକ ବିବାହର ବିବିଧ ରୂପରଙ୍ଗ ତଥା କେତେଜଣ ଜଣାଶୁଣା ନବବିବାହିତ ଦମ୍ପତିଙ୍କର ବିବାହ-ଅନୁଭୂତିକୁ ନେଇ 'କାଦମ୍ବିନୀ'ର ସ୍ୱତନ୍ତ୍ର ଉପସ୍ଥାପନା। ସାକ୍ଷାତ ଓ ଉପସ୍ଥାପନା: କେଦାର ପୃଷ୍ଟି

## ବିଶେଷ ପ୍ରସଙ୍ଗ: ବିବାହ ପୂର୍ବରୁ ପାରାମର୍ଶ

### ଲେଖିକା : ଡା. ସରୋଜିନୀ ଷଡ଼ଙ୍ଗୀ

ଆଗକାଳରେ ଅଧିକାଂଶଙ୍କର ବିବାହ ପ୍ରସ୍ତାବ ପଡ଼ି ହେଉଥିଲା। ସେଥିରେ କେବଳ ବାପା, ମା' ଓ ଗୁରୁଜନମାନେ ପାତ୍ରପାତ୍ରୀଙ୍କୁ ଦେଖି ବାହାଘର ଠିକ୍ କରୁଥିଲେ। ଦୁହିଁଙ୍କ ଭିତରେ ଭାବର ଓ ଭାଷାର ଆଦାନ ପ୍ରଦାନ ତ ଦୂରର କଥା; ପୁଅ ଝିଅମାନେ ପରସ୍ପରକୁ ଦେଖିବାକୁ ମଧ ସୁଯୋଗ ପାଉନଥିଲେ। ତେଣୁ ଏସବୁ ପରିସ୍ଥିତିରେ ଭାବୀ ସ୍ୱାମୀ ଓ ସ୍ତ୍ରୀ ଦୁହେଁ ଦୁହିଁଙ୍କ ମଧ୍ୟରେ କିଛି ଆଲୋଚନା କରିବା ପ୍ରଶ୍ନ ହିଁ ଉଠୁ ନଥିଲା। ବର ଓ କନ୍ୟା ଦୁହେଁ ସଂପୂର୍ଣ୍ଣ ଅନଭିଜ୍ଞ ହୋଇ ବିବାହ ବେଦୀକୁ ଉଠନ୍ତି।

## ବିଶେଷ ପ୍ରସଙ୍ଗ: ବିବାହରେ ରାଶି ମେଳକ

### ଲେଖକ: ଜ୍ୟୋତିର୍ବିଦ୍ ପ୍ରଦୀପ କୁମାର ଚୌଧୁରୀ

ବିବାହ କାର୍ଯ୍ୟରେ ବର-କନାଙ୍କ ରାଶି ମେଳକ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବୈବାହିକ ଜୀବନର ସଫଳତା-ବିଫଳତା ଓ ସୁଖ-ଦୁଃଖ ଏହି ରାଶି ମେଳକ ଉପରେ ଅନେକାଂଶରେ ନିର୍ଭର କରିଥାଏ। ତେଣୁ ବିବାହାଦିରେ ବର-କନ୍ୟାଙ୍କ ରାଶି ମେଳକ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥାଏ।

## କାଳଜୟୀ : ନିତ୍ୟାନନ୍ଦ ମହାପାତ୍ର

ଆଧୁନିକ ଓଡ଼ିଆ କଥା ସାହିତ୍ୟ କ୍ଷେତ୍ରରେ ନିତ୍ୟାନନ୍ଦ ମହାପାତ୍ର (୧୯୧୨-୨୦୧୨)ଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ସାହିତ୍ୟର ପ୍ରାୟ ସବୁ ବିଭାଗରେ ରହିଛି ତାଙ୍କର ଅମ୍ଳାନ ସାହିତ୍ୟ କୃତିର ସ୍ୱାକ୍ଷର। ସେ ଏକାଧାରରେ ଜଣେ କବି, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ, ଜୀବନୀକାର ଓ ଅନୁବାଦକ ଭାବେ ଯେପରି ସୁପରିଚିତ, ସେହିପରି ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ରାଜନୀତିଜ୍ଞ ଓ ଜଣେ ଦରଦୀ ସ୍ନେହୀ ବ୍ୟକ୍ତିଭାବେ ସର୍ବଜନାଦୃତ। ଏହି ଜାତୀୟତାବାଦୀ ସାହିତ୍ୟିକଙ୍କ କବିତା ସଙ୍କଳନ 'ସ୍ୱରାଜ୍ୟପାଲା' ଓ କ୍ଷୁଦ୍ରଗଳ୍ପ ସଙ୍କଳନ 'ମାଉସୀ' ଯଥାକ୍ରମେ ୧୯୩୦ ଓ ୧୯୩୪ ମସିହାରେ ପ୍ରକାଶିତ ହେବା ପରେପରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ହୋଇଥିଲା। ତାଙ୍କର ଅନ୍ୟ ଦୁଇଟି କବିତା ସଙ୍କଳନ 'ପାଞ୍ଚଜନ୍ୟ' ଓ 'କାଳରଡ଼ି' ବେଶ୍ ଚର୍ଚ୍ଚିତ। ତାଙ୍କ ରଚିତ ଉପନ୍ୟାସଗୁଡ଼ିକ ମଧ୍ୟରେ 'ଭଙ୍ଗାହାଡ଼', 'ହିଡ଼ମାଟି', 'ଘରଡ଼ିହ', 'ଜୀବନର ଲକ୍ଷ୍ୟ', 'ଜୀଅନ୍ତା ମଣିଷ', 'ଜଳନ୍ତା ନିଆଁ' ଓ 'ସୁଖର ସନ୍ଧାନ' ପ୍ରମୁଖ। କ୍ଷୁଦ୍ରଗଳ୍ପ ରଚନା କ୍ଷେତ୍ରରେ ତାଙ୍କର ଖୁବ୍ ପରିଚିତି ରହିଛି।

ସେହି ସଙ୍କଳନଗୁଡ଼ିକ ହେଲା 'ଏଗାରଟା', 'କ୍ଷଣିକା', 'ଆଖି ନାହିଁ କାନ ନାହିଁ', 'ଧଳାଗାର କଳାଗାର' ଓ 'ରାଜକନ୍ୟା' ପ୍ରମୁଖ। 'ପତ୍ର ପ୍ରତିମା' ପରି ରମ୍ୟ ରଚନା ତାଙ୍କ ଲେଖକୀୟ କୃତିର ଆଉ ଗୋଟିଏ ଦିଗକୁ ସୂଚାଇ ଦେଇଥାଏ। ତାଙ୍କର ଅନ୍ୟାନ୍ୟ ପୁସ୍ତକଗୁଡ଼ିକ ମଧ୍ୟରେ ରହିଛି; 'ହରିଜନ ମନ୍ଦିର ପ୍ରବେଶ', 'ସଞ୍ଜୀବନୀ', 'ଯୁଗଧର୍ମ', 'ଯୁଗାନ୍ତର' ଏବଂ କେତୋଟି ପ୍ରବନ୍ଧ ସଙ୍କଳନ ଓ ଅନୁବାଦ ଗ୍ରନ୍ଥ। -ସମ୍ପାଦିକା

**ଗଳ୍ପ : ଛୁଟିଘଣ୍ଟା ବାଜିଗଲା**

**ଲେଖିକା : ପ୍ରବୀଣା ମହାନ୍ତି**

ସେମାନଙ୍କୁ କେମିତି ବୁଝାଇବ ସୁଦୀପା, ତାକୁ ଯିବାକୁ ହିଁ ହେବ। ଯେମିତି ତା' ପୂର୍ବରୁ ଅନେକ ଯାଇଛନ୍ତି। ଜନ୍ମମାସଟି ଆସିଗଲେ ଅନୁଷ୍ଠାନ ତରଫରୁ କୃତଜ୍ଞତାର ଚିଠିଟିଏ ଧରାଇ ଦିଆଯାଏ। ଅନ୍ୟ ଅନୁଷ୍ଠାନମାନଙ୍କ ପରି ତାଙ୍କ ଅନୁଷ୍ଠାନର କୌଣସି ଶିକ୍ଷକ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଏନାହିଁ। କର୍ମ ଜୀବନର ଶେଷ ତାରିଖଟି ଅତିକ୍ରାନ୍ତ ହୋଇଗଲେ ଶିକ୍ଷକ ଜଣକ ନିଜେନିଜେ ଘରେ ରହିଯାଆନ୍ତି।

**ଗଳ୍ପ : ପୁରୁଷ**

**ଲେଖକ : ଜ୍ଞାନରଞ୍ଜନ ନାୟକ**

ଅପେକ୍ଷା କରିକରି ବ୍ୟସ୍ତତା ମେଣ୍ଟାଇବା ପାଇଁ ବୋଉ ଘରେ ଝାଡୁ ଲଗଉଥିବ। ଅଧଘଣ୍ଟାରେ ଥରେ ଲେଖା ଆଲଣାରେ ସଜା ତା'ର ଧଳାଶାଢ଼ି ସବୁକୁ ଓଟାରିଆଣି ବାରମ୍ବାର ଭଙ୍ଗାଭଙ୍ଗିକରି ସଜଉଥିବ। ହଳଦି, ଲୁଣ, ଫୁଟଣର ଡବାକୁ ଏକାଧିକବାର ଏପଟ ସେପଟ ଉଠାଇ ପୁନଃପୁନଃ ରଖୁଥିବ, ଭିଜା ହେଇଥିବା ବିରି, ଚାଉଳରେ ହାତମାରି ପରଖୁଥିବ କେତେ ନରମ ହେଲାଣି।

**ଗଳ୍ପ : ନାବାଳିକା**

**ଲେଖିକା : ଶୁଭଲକ୍ଷ୍ମୀ ଦାସ**

ପ୍ରଥମେ ପ୍ରତିମା ମାଡାମ୍ ଓ କିଛି ସମୟ ପରେ ଗିରୀଶ ସାର୍। ପ୍ରତିମା ମାଡାମ୍ ଯିବା ପରେ ମୋନାର ଇଚ୍ଛା ହେଉଥିଲା ଗିରୀଶ ସାର୍ଙ୍କ ଗାଲକୁ ଶକ୍ତ ଚାପୁଡ଼ାଟେ ଦିଅନ୍ତା ଆଉ ପଚାରନ୍ତା ଏତେ ଭଦ୍ର ଦେଖେଇ ହେଉଥିବା ପୁରୁଷର ଭଦ୍ରାମି କୁଆଡ଼େ ଗଲା ? ସେ ବୁଢ଼ୀ ପ୍ରତିମା ମାଡାମ ପାଖରେ ଏମିତି କ'ଣ ଅଛି ଯାହା ମୋ ପାଖରେ ନାହିଁ ? ଥରେ ରାଜି ହେଇ ଦେଖିଥାନ୍ତେ ସାର୍ ମୁଁ କାହାକୁ କିଛି କହି ନ ଥାନ୍ତି। ମୋର କେବଳ ତୁମ ସାନିଧ୍ୟ ଦରକାର, ପ୍ରେମ ନୁହଁ।

**କବିତା**

ଏଥର କବିତାରେ ରହିଛି: ମନୋରଞ୍ଜନ ପାଣିଗ୍ରାହୀଙ୍କ 'ବାପା', କୃଷ୍ଣ କୁମାର ମହାନ୍ତିଙ୍କ 'ନିଆଁ', ବାଦଲ ମହାନ୍ତିଙ୍କ 'ଛାଇ ଯେବେ ଲମ୍ବେ', ବୀଣାପାଣି ଦେବତାଙ୍କ 'ଦୁଇଟି କବିତା', ସଞ୍ଜିତ କୁମାର ବଳଙ୍କ 'ମୋ ପରି ଆଉଜଣେ', ଅଧ୍ୟାପକ ବିଶ୍ୱରଞ୍ଜନଙ୍କ 'ଅନ୍ତିମା', ଶରତ କୁମାର ଦାସଙ୍କ 'ଷ୍ଟେସନ୍‌ରେ ଦିନେ', ନୃସିଂହ ତରାଇଙ୍କ 'ସମୁଦ୍ର ବି ସ୍ୱପ୍ନ ଦେଖାଏ',ନିରୁପମା ରାୟଙ୍କ 'କଟକ', କମଳ କୁମାର ମହାନ୍ତିଙ୍କ 'ନଈ ନିରନ୍ତର', ଜୟନ୍ତୀ ସାହୁଙ୍କ 'ସାଗର ତୀରେ ସନ୍ଧ୍ୟା' ଓ ବିଜୟ ମହାନ୍ତିଙ୍କ 'ସେଇ ହଜିଯାଇଥିବା ଲୋକଟି'।

**ସାହିତ୍ୟିକଙ୍କ କଥା: ଜୟ ଗୋସ୍ୱାମି ଓ ତାଙ୍କ କବିତା**

**ଲେଖିକା : ଯଶୋଧାରା ମିଶ୍ର**

ପ୍ରମୁଖ ଭାରତୀୟ କବିମାନଙ୍କ ଭିତରେ ବଙ୍ଗଳାର ସୁପ୍ରସିଦ୍ଧ କବି ଜୟ ଗୋସ୍ୱାମୀ ଅନ୍ୟତମ। କବିତା ଗ୍ରନ୍ଥ 'ଦୁ ଦଣ୍ଡ ଫୋୟାରା ମାତ୍ର' ପାଇଁ ସେ ଏ ବର୍ଷ ଭାରତୀୟ ସାହିତ୍ୟର ଏକ ଶୀର୍ଷ ସମ୍ମାନ 'ମୂର୍ତ୍ତିଦେବୀ ପୁରସ୍କାର' ପାଇବା ପାଇଁ ମନୋନୀତ ହୋଇଛନ୍ତି। ଏହି କବି ଓ ତାଙ୍କ କବିତାକୁ ନେଇ ଏ ଆଲେଖ୍ୟ।

**ଧାରାବାହିକ ଉପନ୍ୟାସ : ଜୀବନପାତ୍ର (ସପ୍ତଦଶ ଭାଗ)**

**ଲେଖକ : ରାମଚନ୍ଦ୍ର ବେହେରା**

ଖଣ୍ଡିତ ଭାବନା ଆତଙ୍କ ଓ ଅନିଶ୍ଚିତତାର ବିକଟାଳ ପୃଷ୍ଠଭୂମିରେ। ଏକୁଟିଆ ଓ ଅସମର୍ଥ। ସେ ଆଦୌ ସଂପର୍କିତ ହୋଇପାରୁ ନ ଥିଲା କାଗଜପତ୍ର, ଅଫିସର ପରିସର ସହିତ। ଯା' ଆସ କରୁଥିବା ପରିଚିତ, ଅପରିଚିତ ଲୋକମାନେ ଜଣାପଡୁଥିଲେ ନିରର୍ଥକ, ହଲଚଲ୍ ଛାଇଭଳି। ଚାପା କଥାବାର୍ତ୍ତା, ଯୁକ୍ତିତର୍କ ଜଣାପଡୁଥିଲା ଦୁର୍ବୋଧ, ଅସ୍ପଷ୍ଟ ଗୁଞ୍ଜରଣ ଭଳି।

**ଭ୍ରମଣ କାହାଣୀ : ମୋ ଝର୍କାରୁ ପୃଥିବୀ**

**ଲେଖିକା: ସୁସ୍ମିତା ବାଗ୍‌ଚୀ**

ସକାଳର ଜଳଖିଆ ଖାଇ ଆମେ ସ୍ଥିର କଲୁ ଯେ ଲେକ୍ ଜର୍ଜ୍ କୂଳେକୂଳେ ଯେଉଁ ରାସ୍ତାଟି ଯାଇଛି, ସେଥିରେ ଲକ୍ଷ୍ୟହୀନ ଭାବରେ ଗାଡ଼ି ଚଳେଇ ବୁଲିବୁ। ଯେଉଁଠି ମନ ହେବ ଗାଡ଼ି ଅଟକେଇବୁ। ବୁଲିବୁଲି କ୍ଲାନ୍ତ ଲାଗିଲେ ଚାହା କି କଫି ପିଇବୁ। ପୁଣି କୋଉ ଗୋଟିଏ ଛୋଟ ରେସ୍ତୋରାଁରେ ଦୁଇପହର ଖାଇବା ଖାଇଦେଇ ଅପରାହ୍ନରେ ଫେରି ଆସିବୁ ଲେକ୍ ଜର୍ଜ୍ ଭିଲେଜ୍‌କୁ। ସେଇ ଅନୁସାରେ ଗାଡ଼ି ନେଇ ବାହାରି ପଡ଼ିଲୁ।

## ଚଳନ୍ତିକା

ରାଜ୍ୟସ୍ତରୀୟ ଫକୀରମୋହନ ଜୟନ୍ତୀ, ମୁକ୍ତେଶ୍ୱର ନୃତ୍ୟ ଉତ୍ସବ, ବୋଉ ଦିବସ ପାଳନ, କଳିଙ୍ଗ ପ୍ରତିଭା ସମ୍ମାନ, ରାଜାରାଣୀ ସଙ୍ଗୀତ ଉତ୍ସବ, ନୃତ୍ୟାଙ୍ଗନାର ନୃତ୍ୟ ଉତ୍ସବ ଓ 'କିସ୍'କୁ ଏନର୍ଜି ଗ୍ଲୋବ୍ ୱାର୍ଲ୍ଡ ପୁରସ୍କାର।

## ମନୋରଞ୍ଜନ

ଏ ମାସର ମନୋରଞ୍ଜନ ପୃଷ୍ଠରେ ଅଛି : ତାଣ୍ଡବ, ହାପି ଲକି, ଓନ୍‌ଲି ପ୍ୟାର, ଗୁଡ୍ଡୁ ଆଣ୍ଡ ଗୁଡ୍ଡି, ଯୋଗୀ ଏବଂ ବ୍ଲାକ୍‌ମେଲ୍।

## ଆମ ରୋଷେଇ

ଏ ମାସର ରୋଷେଇ ପୃଷ୍ଠାରେ ଅଛି : ଲାଚ୍ଛା ପରଟା ଓ ଧନିଆ ଭୃସୁଙ୍ଗପତ୍ର ଚଟଣି, ଅମୃତଭଣ୍ଡା ପରଟା, ପନିର ଫୁଲକୋବି ପସିନ୍ଦା, ଶିମ୍ବ ପତୁଆ, ନଡ଼ିଆ ବରା ତରକାରି ଓ ସପୁରି ଖଟା।

## ରାଶିଫଳ ଓ ତିଥି-ବାର-ବେଳା

ଫେବୃଆରୀ ମାସର ଭାଗ୍ୟଫଳ ସାଙ୍ଗକୁ ଫେବୃଆରୀ ଓ ମାର୍ଚ୍ଚ ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ସ୍ୱାସ୍ଥ୍ୟ ସୂଚନା : ଜ୍ୱର ସମୟରେ ଖାଦ୍ୟପେୟ

ଶରୀରର ତାପମାତ୍ରା ସାଧାରଣ ତାପମାତ୍ରାରୁ ଅଧିକ ହୋଇଗଲେ ତାକୁ ଜ୍ୱର କୁହାଯାଇଥାଏ। ଜ୍ୱର ପ୍ରକୃତରେ ଏକ ରୋଗ ନୁହେଁ। ଏହା ଶରୀର ଭିତରେ କୌଣସି ଏକ ସଂକ୍ରମଣର ବାହ୍ୟିକ ପ୍ରତିକ୍ରିୟା। ଏହି ଜ୍ୱର ସମୟରେ ଖାଦ୍ୟପେୟକୁ ନେଇ ମଣିଷ ସବୁବେଳେ ଦ୍ୱନ୍ଦ୍ୱରେ ପଡେ। ଆସନ୍ତୁ ସେହି ବିଷୟରେ ଜାଣିବା।

■■■